# NATIONAL NEWS BULLETIN (ODIA)
## 3 July 2026
## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ସୀମାପାର ଆତଙ୍କବାଦ ସମେତ ସମସ୍ତ ପ୍ରକାର ହିଂସାତ୍ମକ ଉଗ୍ରବାଦକୁ ଭାରତ ଓ ଜାପାନର ନିନ୍ଦା ।
- ପଞ୍ଚାୟତୀରାଜ ବ୍ୟବସ୍ଥାକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ ଜାତୀୟସ୍ତରୀୟ କର୍ମଶାଳା ।
- ରୁଷ ଆକ୍ରମଣରେ ୟୁକ୍ରେନ୍‌ର କିଭ୍ ଅଞ୍ଚଳରେ ୨୭ ଜଣ ମୃତ, ୯୦ ଆହତ ।
- ଜାମ୍ମୁ କାଶ୍ମୀରର ପହଲଗାମ ଓ ବାଲତାଲ ମାର୍ଗରୁ ଆଜିଠାରୁ ଆରମ୍ଭ ହେଉଛି ବାର୍ଷିକ ଅମରନାଥ ଯାତ୍ରା ।

ଏବଂ

- ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ କ୍ରିକେଟ୍ ସିରିଜ୍ କାର୍ଯ୍ୟସୂଚୀ ଘୋଷଣା କଲା ବି.ସି.ସି.ଆଇ. ।

# ଇଣ୍ଡିଆ-ଜାପାନ ଜଏଣ୍ଟ ଷ୍ଟେଟ୍‌ମେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ଜାପାନ ପ୍ରତିପକ୍ଷ ସାନାଏ ତାକାଇଚି ସୀମାପାର ଆତଙ୍କବାଦ ସମେତ ସମସ୍ତ ପ୍ରକାର ଆତଙ୍କବାଦ ଓ ହିଂସାତ୍ମକ ଉଗ୍ରବାଦକୁ ସ୍ପଷ୍ଟ ଭାବେ ନିନ୍ଦା କରିଛନ୍ତି । ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ଏକ ମିଳିତ ବିବୃତ୍ତିରେ ଉଭୟ ନେତା ଗତବର୍ଷ ପହଲଗାମ ଏବଂ ଦିଲ୍ଲୀରେ ହୋଇଥିବା ଆତଙ୍କବାଦୀ  ଘଟଣାକୁ ନିନ୍ଦା କରିଛନ୍ତି । ଏଭଳି କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ଏବଂ ଆର୍ଥିକ ସହାୟତା ପ୍ରଦାନକାରୀଙ୍କୁ ବିଳମ୍ବ ନ କରି ଦଣ୍ଡବିଧାନ କରିବାକୁ ଉଭୟ ନେତା କହିଛନ୍ତି । ଶ୍ରୀ ମୋଦୀ ଓ ଶ୍ରୀମତୀ ତାକାଇଚି ଅଲ୍-କାଏଦା, ଆଇ.ଏସ୍.ଆଇ.ଏସ୍., ଲସ୍କର-ଏ-ତଏବା, ଜୈସେ-ମହମ୍ମଦ ଏବଂ ସେମାନଙ୍କର ଅନ୍ୟାନ୍ୟ ସଂଗଠନ ଗୁଡ଼ିକ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ସେଗୁଡ଼ିକର ମୂଳୋତ୍ପାଟନ ପାଇଁ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି ।

ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବିକାଶ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସମମନୋଭାବ ସମ୍ପନ୍ନ ଦେଶମାନଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ଉପରେ ଉଭୟ ନେତା ଗୁରୁତ୍ୱ ପ୍ରଦାନ କରିଛନ୍ତି । କ୍ୱାଡ୍ ସଦସ୍ୟ ଦେଶମାନଙ୍କ ମଧ୍ୟରେ ଶୀଘ୍ର ସମ୍ମିଳନୀ ଆୟୋଜନ ପାଇଁ ଉଭୟ ନେତା ମତପ୍ରକାଶ କରିଛନ୍ତି ।

# ପିଏମ୍ ମିନିଷ୍ଟର୍ସ ୱାର୍କସପ୍

୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣକୁ ଦୃଷ୍ଟିରେ ରଖି ପଞ୍ଚାୟତଗୁଡ଼ିକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଆଜି ନୂଆଦିଲ୍ଲୀରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀମାନଙ୍କର ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହେବ । ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଷୋଡ଼ଶ ଅର୍ଥକମିଶନ୍‌ଙ୍କ ସୁପାରିଶ ଉପରେ ମତ ବିନିମୟ ହେବ । ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଂଜନ ସିଂହଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳା ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ନିଜସ୍ୱ ରାଜସ୍ୱ ସଂଗ୍ରହ ମାଧ୍ୟମରେ ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକର ନିରନ୍ତର ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଏହି କର୍ମଶାଳାରେ ଗୁରୁତ୍ୱପ୍ରଦାନ କରାଯିବ । ସର୍ବୋତ୍ତମ ଅଭ୍ୟାସଗୁଡ଼ିକ ଉପରେ ସୂଚନା ଆଦାନପ୍ରଦାନ, କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ସୃଷ୍ଟ ଆହ୍ୱାନର ମୁକାବିଲା ଏବଂ ଅର୍ଥ କମିଶନ୍‌ଙ୍କ ଅନୁଦାନର ସଠିକ୍ ବ୍ୟବହାର ଉପରେ ଏକ ରୂପରେଖ ପ୍ରସ୍ତୁତ କରିବାକୁ ଏହି କର୍ମଶାଳା ମଞ୍ଚପ୍ରଦାନ କରିବ ବୋଲି ଆଶା କରାଯାଉଛି ।

# ଇଣ୍ଡିଆ-ଜାପାନ୍ ଇକୋନମିକ୍ ସିକ୍ୟୁରିଟି

ଭାରତ ଏବଂ ଜାପାନ ମଧ୍ୟରେ ଥିବା ଆର୍ଥିକ ସୁରକ୍ଷା ଉଭୟ ଦେଶର ସ୍ୱତନ୍ତ୍ର ରଣନୈତିକ ଓ ବିଶ୍ୱ ଭାଗିଦାରିତାର ମୂଳଦୁଆ ବୋଲି କୁହାଯାଇଛି । ଅର୍ଥନୈତିକ ସୁରକ୍ଷା ସହଯୋଗ ସମ୍ପର୍କରେ ଭାରତ-ଜାପାନ ମିଳିତ ଘୋଷଣାନାମାରେ ଏହି ବିଷୟ ସ୍ପଷ୍ଟ କରାଯାଇଛି । ଉଭୟ ଦେଶ ମଧ୍ୟରେ ଆର୍ଥିକ ସୁରକ୍ଷା ସହଭାଗିତା, ପାରସ୍ପରିକ ବିଶ୍ୱାସ, ସମାନ ମୂଲ୍ୟବୋଧ ଏବଂ ସମନ୍ୱିତ ସ୍ୱାର୍ଥ ଉପରେ ଏହା ପର୍ଯ୍ୟବେଶିତ । ଆଗାମୀ ଦିନରେ ଏହି ଘୋଷଣାନାମା ମୁକ୍ତ ଏବଂ ଅବାଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସମନ୍ୱିତ ଉନ୍ନତି ଓ ଆର୍ଥିକ ସୁରକ୍ଷାର ବିକାଶ କରିବ ବୋଲି ଜଣାପଡ଼ିଛି । ଏହି ଘୋଷଣାନାମା ଉଭୟ ଦେଶ ମଧ୍ୟରେ ୫ଟି ପ୍ରମୁଖ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ବୃଦ୍ଧି କରିବ । ସେହି ପ୍ରମୁଖ କ୍ଷେତ୍ରଗୁଡ଼ିକ ହେଉଛି, ସେମିକଣ୍ଡକ୍ଟର, ଗୁରୁତ୍ୱପୂର୍ଣ୍ଣ ଖଣିଜ, ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା, ସ୍ୱଚ୍ଛ ଶକ୍ତି ଏବଂ ଔଷଧୀୟ କ୍ଷେତ୍ର ।

# ରୁଷିଆ-ୟୁକ୍ରେନ୍ ଆଟାକ

ୟୁକ୍ରେନ୍‌ର କିଭ୍ ଅଞ୍ଚଳରେ ରୁଷର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣରେ ୨୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯୦ ଜଣ ଆହତ ହୋଇଛନ୍ତି । କିଭ୍‌ର ୩୦ଟି ସ୍ଥାନରେ ବିଶେଷ କରି ଆବାସିକ ଅଞ୍ଚଳ

ଏବଂ ନାଗରିକ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି । ରୁଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ୟୁକ୍ରେନ୍‌ର ମସ୍କୋ ଉପରେ ଆକ୍ରମଣର ଜବାବରେ ଏହି ବୋମା ମାଡ଼ କରାଯାଇଛି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନେସ୍କି ରୁଷ ଉପରେ ହୋଇଥିବା କ୍ରମାଗତ ଆକ୍ରମଣକୁ ୪୦ ଦିନିଆ ବ୍ଲିଟ୍ ବୋଲି କହିଛନ୍ତି । ରୁଷର ମୁଖ୍ୟତଃ ତୈଳ ବିଶୋଧନାଗାରଗୁଡ଼ିକୁ ଲକ୍ଷ୍ୟ କରି ୟୁକ୍ରେନ୍ ପକ୍ଷରୁ ଏହି ଆକ୍ରମଣ କରାଯାଇଥିଲା ।

## ଅମରନାଥ ଯାତ୍ରୀ

ବାର୍ଷିକ ଅମରନାଥ ଯାତ୍ରା ଆଜିଠାରୁ ଜାମ୍ମୁ କାଶ୍ମୀରର ପହଲଗାମ ଏବଂ ବାଲତାଲ ମାର୍ଗରୁ ଆରମ୍ଭ ହେବ । ୫୭ଦିନ ଧରି ଚାଲିବାକୁ ଥିବା ଏହି ତୀର୍ଥ ଯାତ୍ରାରେ ଭାରତରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଅମରନାଥ ଗୁମ୍ଫା ମନ୍ଦିରକୁ ଯାତ୍ରା କରିବେ । ୩ ହଜାର ୮୮୮ ମିଟର ଉଚ୍ଚରେ ଅବସ୍ଥିତ ପବିତ୍ର ଅମରନାଥ ଗୁମ୍ଫାରେ ପ୍ରାକୃତିକ ଭାବେ ଗଠିତ ବରଫ ଶିବଲିଙ୍ଗ ଦେଖିବା ପାଇଁ ପ୍ରତ୍ୟେକ ବର୍ଷ ଶ୍ରଦ୍ଧାଳୁମାନେ ଅମରନାଥ ଗୁମ୍ଫା ଯାତ୍ରା କରିଥାନ୍ତି । ଆସନ୍ତା ମାସ ୨୮ ତାରିଖ ରକ୍ଷା ବନ୍ଧନ ପର୍ବରେ ଏହି ଯାତ୍ରା ଶେଷ ହେବ । ଗତକାଲି ତୀର୍ଥଯାତ୍ରୀଙ୍କ ପ୍ରଥମ ଦଳ ଅନନ୍ତନାଗ ଜିଲ୍ଲାର ନନ୍‌ୱାନ୍ ଏବଂ ଗନ୍ଦେରବଲ ଜିଲ୍ଲାର ବାଲତାଲ ସ୍ଥିତ ଶିବିରରେ

ପହଞ୍ଚିଥିଲେ । ଜାମ୍ମୁର ଭଗବତୀ ନଗର ଯାତ୍ରୀ ନିବାସରୁ ଉପରାଜ୍ୟପାଳ ମନୋଜ ସିହ୍ନା ପ୍ରଥମ ତୀର୍ଥଯାତ୍ରୀ ଦଳକୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ପ୍ରଥମ ଦଳରେ ପହଲଗାମ ମାର୍ଗ ଦେଇ ୨ହଜାର ୫୧୦ ଜଣ ଏବଂ ବାଲତାଲ ମାର୍ଗ ଦେଇ ୨ହଜାର ୩୧୨ ଜଣ ଯାତ୍ରା କରୁଛନ୍ତି ।

## ଓମ୍ ବିର୍ଲା-କୋଲକାତା

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି କୋଲକାତାରେ ପଶ୍ଚିମବଙ୍ଗ ବିଧାନସଭାର ନବନିର୍ବାଚିତ ସଦସ୍ୟମାନଙ୍କ ଲାଗି ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିବେ । ନବନିର୍ବାଚିତ ସଦସ୍ୟମାନଙ୍କୁ ସଂସଦୀୟ ଓ ବିଧାନସଭା ପରିଚାଳନା ସମ୍ବନ୍ଧରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅବଗତ କରାଯିବ । ବିଶେଷ ଭାବେ କମିଟି ବ୍ୟବସ୍ଥା, ଆର୍ଥିକ ତଦାରଖ, ସଂସଦୀୟ ସୁବିଧା ଏବଂ ବିଧାନସଭାରେ ଡିଜିଟାଲ୍ ବ୍ୟବସ୍ଥା ଭଳି ପଦକ୍ଷେପ ସମ୍ପର୍କରେ ସଦସ୍ୟମାନଙ୍କୁ ପରିଚିତ କରାଇବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହୁଛି । ଲୋକସଭା ସଚିବାଳୟର ସୂଚନା ଅନୁଯାୟୀ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଧାୟକ, ପୀଠାସୀନ ଅଧିକାରୀ ଏବଂ ସଂସଦୀୟ ବିଶେଷଜ୍ଞମାନଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ପାରସ୍ପରିକ ଆଲୋଚନା ହୋଇପାରିବ । କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅବସରରେ

ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, କେନ୍ଦ୍ରୀୟ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପ୍ରମୁଖ ଯୋଗଦେବେ ।

## ଇଣ୍ଡିଆ-ଖାମେନେଇ ଫ୍ୟୁନିରାଲ୍

ଇରାନ୍‌ର ପୂର୍ବତନ ସର୍ବୋଚ୍ଚ ନେତା ସ୍ୱର୍ଗତଃ ଆୟାତୋଲ୍ଲା ସୟେଦ୍ ଅଲ୍ଲି ଖାମେନେଇଙ୍କ ଅନ୍ତିମ ସଂସ୍କାରରେ ଅଂଶଗ୍ରହଣ କରିବା ଲାଗି ଆଜି ବିହାର ରାଜ୍ୟପାଳ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ୍ ସୟଦ୍ ଅତା ହସ୍‌ନେନ୍ ଏବଂ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗାରିଟା ଇରାନ୍ ଗସ୍ତ କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଅନ୍ତିମ ସଂସ୍କାରରେ ଏହି ଦୁଇ ନେତାଙ୍କ ଯୋଗଦାନ ଦୁଇ ଦେଶ ମଧ୍ୟରେ ଜନସମ୍ପର୍କ ଏବଂ ଐତିହ୍ୟ ଆଧାରିତ ସହଯୋଗକୁ ଗୁରୁତ୍ୱ ପ୍ରଦାନ କରୁଛି ।

## ଇସିଆଇ-ତୃଣମୂଳ କଂଗ୍ରେସ

ନିର୍ବାଚନ କମିଶନ୍, ଅଖିଳ ଭାରତ ତୃଣମୂଳ କଂଗ୍ରେସର ବିଭିନ୍ନ ଗୋଷ୍ଠୀଙ୍କଠାରୁ ଦଳର ସାଙ୍ଗଠନିକ ନିର୍ବାଚନ ଏବଂ ପ୍ରାଧିକୃତ

ସ୍ୱାକ୍ଷରକାରୀଙ୍କ ବିଷୟରେ ତଥ୍ୟ ଲୋଡ଼ିଛନ୍ତି । କମିଶନ ମମତା ବାନାର୍ଜୀ ଏବଂ ଦଳର ଅନ୍ୟତମ ନେତା ରିତାବ୍ରତ ବାନାର୍ଜୀଙ୍କ ଠାରୁ ଏ ସମ୍ପର୍କରେ ତଥ୍ୟ ଦେବା ଲାଗି ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି । ଆସନ୍ତା ସୋମବାର ସନ୍ଧ୍ୟା ସୁଦ୍ଧା ଉଭୟ ପକ୍ଷଙ୍କୁ ସେମାନଙ୍କ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦିଆଯାଇଛି ।

ସୂଚନା ଯୋଗ୍ୟ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ତୃଣମୂଳ କଂଗ୍ରେସର ଅନେକ ନେତା ଦଳ ପରିତ୍ୟାଗ କରି ଅନ୍ୟ ଦଳରେ ସାମିଲ ହେବା ପାଇଁ ଦାବି କରିଥିବା ବେଳେ କେଉଁ ଗୋଷ୍ଠୀ ପାଖରେ ଦଳୀୟ ଚିହ୍ନ ରହିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ନିର୍ବାଚନ କମିଶନ୍ ଉଭୟ ଗୋଷ୍ଠୀଙ୍କଠାରୁ ସେମାନଙ୍କ ଲିଖିତ ପ୍ରତିକ୍ରିୟା ଜାଣିବାକୁ ଚାହିଁଛନ୍ତି ।

# ସିରିଆ-ବ୍ଲାଷ୍ଟ

ସିରିଆରେ ଏକ କାଫେରେ ବିସ୍ଫୋରଣ ଘଟି ୯ ଜଣଙ୍କ ମୃତ୍ୟୁ ହୋଇଛି । ସେଠାକାର ଆଭ୍ୟନ୍ତରୀଣ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ କାଫେ ମଧ୍ୟରେ ବିସ୍ଫୋରକ ରଖାଯାଇଥିଲା । ସିରିଆର ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି, ଏହି ବିସ୍ଫୋରଣରେ ୨୦ ଜଣ ଆହତ ହୋଇଛନ୍ତି । ଏହି ଘଟଣା ପାଇଁ

କୌଣସି ଗୋଷ୍ଠୀ ଏ ପର୍ଯ୍ୟନ୍ତ ନିଜକୁ ଦାୟି କରିନାହାନ୍ତି । ସୁରକ୍ଷାବଳ ସମ୍ପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରି ତଲାସୀ ଅଭିଯାନ ଆରମ୍ଭ କରିଛନ୍ତି ।

## ରଖ୍ୟା ଖଡ଼ସେ-ସାଇକ୍ଲିଂ

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରାଧା ଖଡ଼ସେ ସାଇକେଲ୍ ଫେଡେରେସନ୍ ଅଫ୍ ଇଣ୍ଡିଆ ସହିତ ଏକ ସମୀକ୍ଷା ବୈଠକରେ ଦେଶରେ ସାଇକେଲ୍ ଚାଳନା ଇକୋ ସିଷ୍ଟମ୍‌କୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ତୃଣମୂଳ ସ୍ତରରେ ପ୍ରତିଭା ଚିହ୍ନଟ, ପ୍ରଶିକ୍ଷଣ ଏବଂ ଆନ୍ତର୍ଜାତିକ ପ୍ରତିଯୋଗିତା ପାଇଁ ସାଇକେଲ୍ ଚାଳକମାନଙ୍କୁ ପ୍ରସ୍ତୁତ କରିବା ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତି ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ସେ କହିଛନ୍ତି, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ସାଇକେଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ ଏସବୁ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବେ ।

## ସ୍ପୋର୍ଟସ୍-ରାଉଣ୍ଡଅପ୍

ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଆୟୋଜକ ଇଂଲଣ୍ଡ ଦ୍ୱିତୀୟ ସେମିଫାଇନାଲ୍‌ରେ ୪୦ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ

କରିଛି । ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୬୯ରନ୍ କରିଥିବା ବେଳେ ଜବାବରେ ଦକ୍ଷିଣ ଆଫ୍ରିକା ସମାନ ସଂଖ୍ୟକ ଓଭରରେ ୮ ୱିକେଟ୍ ବିନିମୟରେ ୧୨୯ରନ୍ କରିବାକୁ ସକ୍ଷମ ହୋଇଥିଲା । ଆସନ୍ତା ରବିବାର ଦିନ ଲଡର୍ସ କ୍ରିକେଟ୍ ପଡ଼ିଆରେ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

କାନାଡ଼ା ଓପନ ସୁପର ଥ୍ରୀ ହଣ୍ଡ୍ରେଡ୍ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି । ମହିଳା ଏକକ ଦ୍ୱିତୀୟ ପର୍ଯ୍ୟାୟରେ ତାନ୍ୟା ହେମନାଥ ଜାପାନର ରିକୋ ଗୁଞ୍ଜିଙ୍କଠାରୁ ୨୧-୧୧, ୨୧-୧୨ରେ ପରାସ୍ତ ହୋଇଛନ୍ତି । ପୂର୍ବରୁ ହେମନାଥ ଆମେରିକାର ଦିଶା ଗୁପ୍ତାଙ୍କୁ ପରାସ୍ତ କରିଥିଲେ । ସେହିପରି ଆକର୍ଷି କଶ୍ୟପ ଦ୍ୱିତୀୟ ରାଉଣ୍ଡରେ ଆମେରିକାର ଖେଳାଳିଙ୍କଠୁ ପରାସ୍ତ ହୋଇଛନ୍ତି । ପୁରୁଷ ବର୍ଗରେ ସନିଥ ଦୟାନନ୍ଦ ଏବଂ ଶଙ୍କର ସୁବ୍ରମଣ୍ୟମ୍ ମଧ୍ୟ ପ୍ରଥମ ରାଉଣ୍ଡରେ ପରାସ୍ତ ହେବା ପରେ ଭାରତର ଅଭିଯାନ ଶେଷ ହୋଇଛି ।

ଫିଫା ବିଶ୍ୱକପ୍‌ରେ ରାଉଣ୍ଡ ୩୨ରେ ସ୍ପେନ୍ ୩-୦ ଗୋଲ୍‌ରେ ଅଷ୍ଟ୍ରିଆକୁ ପରାସ୍ତ କରିଛି । ଫଳରେ ରାଉଣ୍ଡ ୧୬ରେ ସ୍ପେନ୍, ପର୍ତ୍ତୁଗାଲ କିମ୍ବା କ୍ରୋଏସିଆ ବିପକ୍ଷରେ ମ୍ୟାଚ୍ ଖେଳିବ । ପୂର୍ବରୁ ବେଲ୍‌ଜିୟମ୍, ଆମେରିକା ଏବଂ ଇଂଲଣ୍ଡ ରାଉଣ୍ଡ ୧୬କୁ ଉନ୍ନିତ ହୋଇସାରିଛନ୍ତି । ଆସନ୍ତା ସୋମବାର ଦିନ ଇଂଲଣ୍ଡ ଏବଂ ମେକ୍ସିକୋ ଓ ମଙ୍ଗଳବାର ଦିନ

ଆମେରିକା ଏବଂ ବେଲ୍‌ଜିୟମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଅନ୍ୟ ପକ୍ଷରେ ଫ୍ରାନ୍ସ, ନରୱେ, କାନାଡ଼ା, ମୋରୋକ୍କୋ, ବ୍ରାଜିଲ୍ ଏବଂ ପାରାଗୁଏ ରାଉଣ୍ଡରେ ୧୬ରେ ପହଞ୍ଚି ସାରିଛନ୍ତି ।

ବି.ସି.ସି.ଆଇ. ଆସନ୍ତା ମାସ ୧୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ କାର୍ଯ୍ୟସୂଚୀ ଘୋଷଣା କରିଛି । ଅଗଷ୍ଟ ୧୪ରେ ଗାଲେ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଉଦ୍‌ଘାଟନୀ ଟେଷ୍ଟ ମ୍ୟାଚ୍ ଓ ୨୩ ତାରିଖରେ କଲମ୍ବୋର ସିଂଘଳି ସ୍ପୋର୍ଟ୍‌ସ କ୍ଲବ୍‌ରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ । ବର୍ତ୍ତମାନ ଭାରତୀୟ ପୁରୁଷ କ୍ରିକେଟ୍ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନ୍‌ସିପ୍ ମାନ୍ୟତାରେ ପଞ୍ଚମ ସ୍ଥାନରେ ରହିଛି ।

ଅନ୍ୟ ପକ୍ଷରେ ଗତ ବୁଧବାର ଦିନ ଇଂଲଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିବା ବେଳେ ଆସନ୍ତାକାଲି ମାଞ୍ଚେଷ୍ଟରରେ ଦ୍ୱିତୀୟ ମ୍ୟାଚ୍ କେଳାଯିବ ।

## ଆଇଏମ୍‌ଡି-ୱେଦର

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦେଶର ବିଭିନ୍ନ ଅଞ୍ଚଳକୁ ଅଗ୍ରସର ହେଉଛି । ଏହାର ପ୍ରଭାବରେ ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ ଦେଶର

ପଶ୍ଚିମ ଏବଂ କେନ୍ଦ୍ରୀୟ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଏହିସମୟ ମଧ୍ୟରେ ଓଡ଼ିଶା ସମେତ ଗୁଜରାଟ, ଗୋଆ, ମହାରାଷ୍ଟ୍ରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ବିଭାଗ ସୂଚନା ଦେଇଛି ।